# ଆଇସିସି ଅଣ୍ଡର୍-୧୯ ବିଶ୍ୱକପ୍ ପାଇଁ ପ୍ରିୟମ୍ ଗର୍ଗ ଅଧିନାୟକ



**ନୂଆଦିଲ୍ଲୀ,୨।୧୨/ଏଜେନ୍ସି:** ସାଉଥ୍ ଆଫ୍ରିକାରେ ଆସନ୍ତା ବର୍ଷ ଜାନୁଆରୀ ୧୭ରୁ ଫେବ୍ରୁଆରୀ ୯ ପର୍ଯ୍ୟନ୍ତ ହେବାକୁ ଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ସକାଶେ ବିସିସିଆଇ ପକ୍ଷରୁ ୧୫ଜଣିଆ ଦଳ ସୋମବାର ଘୋଷଣା କରାଯାଇଛି। ଦଳର ନେତୃତ୍ୱ ଦାୟିତ୍ୱ ଉତ୍ତର ପ୍ରଦେଶ ବ୍ୟାଟ୍ସମ୍ୟାନ୍ ପ୍ରିୟମ୍ ଗର୍ଗଙ୍କୁ ପ୍ରଦାନ କରାଯାଇଥିବା ବେଳେ ଡିଫେଣ୍ଡିଙ୍ଗ୍ ଚାମ୍ପିଅନ୍ ଦଳର ଉପଅଧିନାୟକ ଦାୟିତ୍ୱ ୱିକେଟ୍‌କିପର୍ ଧ୍ରୁବ୍ ଚାନ୍ଦ ଜୁରେଲ୍‌ଙ୍କୁ ମିଳିଛି। ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣରେ ସମୁଦାୟ ୧୬ଟି ଦଳ ଭାଗ ନେଉଥିବା ବେଳେ ଭାରତ ଗ୍ରୁପ୍-ଏ'ରେ ନ୍ୟୁଜିଲାଣ୍ଡ, ଜାପାନ ଓ ଶ୍ରୀଲଙ୍କା ସହ ରହିଛି। ଉଭୟ ଗ୍ରୁପ୍‌ର ଦୁଇଟି ଲେଖାଏଁ ଶୀର୍ଷ ଦଳ ସୁପର୍ ଲିଗ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଅଦ୍ୟାବଧି ୪ ଥର ଚାମ୍ପିଅନ୍ ହୋଇଥିବା ଭାରତୀୟ ଦଳରେ ମୁମ୍ବାଇର ଯୁବ ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜୟସ୍ୱାଲ୍‌ଙ୍କୁ ସ୍ଥାନ ମିଳିଛି। ୧୭ ବର୍ଷୀୟ ଜୟସ୍ୱାଲ୍ ବିଜୟ ହଜାରେ ଟ୍ରଫିରେ ଦ୍ୱିଶତକ ଲଗାଇବା ସହ ୧୧୨.୮୦ ହାରରେ ରନ୍ କରିଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷୀୟ ପ୍ରିୟମ୍‌ଙ୍କ ନାମରେ ପ୍ରଥମ ଶ୍ରେଣୀ ଦ୍ୱିଶତକ ରହିବା ସହ ଲିଷ୍ଟ-ଏ' ଶତକ ମଧ୍ୟ ରହିଛି। ଦେଓଧର ଟ୍ରଫିରେ ରନର୍ସଅପ୍ ହୋଇଥିବା ଇଣ୍ଡିଆ-ସି'ର ସଦସ୍ୟ ଥିଲେ ଓ ଫାଇନାଲ୍‌ରେ ୭୪ ରନ୍ ମଧ୍ୟ କରିଥିଲେ। ଗତ ୨୦୧୮-୧୯ ରଣଜୀ ଟ୍ରଫିରେ ସେ ଦ୍ୱିତୀୟ ସର୍ବାଧିକ ସ୍କୋରର୍ ରହିଥିଲେ। ସେ ୬୭.୮୩ ହାରରେ ୮୧୪ ରନ୍ କରିଥିଲେ, ଯେଉଁଥିରେ ୨ଟି ଶତକ ଓ କ୍ୟାରିୟର୍ ଶ୍ରେଷ୍ଠ ୨୦୬ ରନ୍‌ର ଇନିଂସ ରହିଥିଲା।